## ସଂକ୍ଷେପରେ

### ବଢୁଛି ଚୋରା ଦେଶୀ ମହୁଲି କାରବାର

ବଇଣ୍ଡା,୭।୪(ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ଥାନା ଜାମୁନାଳୀ ପଞ୍ଚାୟତର ନାଗାଝରଣ, ଜାମୁନାଳି, ମଧପୁର, ଅଣ୍ଟୁବାହାଲ, ମକାମୁଣ୍ଡା ଆଦି ଗ୍ରାମରେ କିଛିଦିନ ହେବ ଚୋରା ଦେଶୀ ମହୁଲି ସହ ବିଦେଶୀ ମଦ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ପୋଲିସ କିମ୍ବା ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଉ ନ ଥିବା ଯୋଗୁ ଏହି ଚୋରା କାରବାର ଦିନକୁ ଦିନ ବଢ଼ି ଚାଲିଥିବା ଜାମୁନାଳି ଗ୍ରାମବାସୀ ଶୁକ୍ରବାର ଅନୁଗୋଳ ଏସ୍‌ପି, ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି, ବଇଣ୍ଡା ଅଞ୍ଚଳରେ ଥିବା ଏକ ବିଦେଶୀ ମଦ ଦୋକାନ ଓ ଦେଶୀ ମହୁଲି ଭାଟିର କେତେଜଣ କର୍ମଚାରୀ ସେମାନଙ୍କ ବ୍ୟବସାୟ ବୃଦ୍ଧି କରିବା ପାଇଁ ବାଇକ୍ ମାଧ୍ୟମରେ ପ୍ରତ୍ୟେକ ଦିନ ଚୋରାରେ ମଦ ଚାଲାଣ କରୁଛନ୍ତି। ଏପରିକି ଅପରାହ୍ନରେ ୨ ଜଣ କର୍ମଚାରୀ ବିଭିନ୍ନ ଗ୍ରାମରେ ବୁଲି ଚୋରା ମଦ ବିକ୍ରି କରୁଛନ୍ତି। ପୋଲିସର କେତେଜଣ ତଳିଆ କର୍ମଚାରୀ ମଦ ବ୍ୟବସାୟୀଙ୍କଠାରୁ ମାସିକିଆ ହାତ ଗୁଞ୍ଜା ନେଇ ଏହି କାରବାରରେ ସହଯୋଗ କରୁଥିବା ଜାମୁନାଳି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଆଠମଲ୍ଲିକ ଅବକାରୀ ବିଭାଗ ଉପ ନିରୀକ୍ଷକ ଧରଣୀଧର ପ୍ରହରାଜ କହିଛନ୍ତି, ଖୁବ୍‌ଶୀଘ୍ର ଚଢାଉ କରାଯିବ।

# ରେଲଓ୍ବେର ଅବହେଳା ଦାୟୀ

- ଟ୍ରେନ୍ ଧକ୍କାରେ ହାତୀ ମୃତ୍ୟୁ ଘଟଣାର ତଦନ୍ତ
- ଚିଠି ସତ୍ତ୍ୱେ ସ୍ପିଡ୍ କମ୍ ହୋଇ ନ ଥିଲା
- ବ୍ୟବଚ୍ଛେଦ ପରେ ପୋତାଗଲା ମୃତ ହାତୀ

ଛେଣ୍ଡିପଦା,୭।୪(ସ୍ୱ.ପ୍ର.)

ଅନୁଗୋଳ–ସମ୍ବଲପୁର ରେଳ ଲାଇନର ଜରପଡ଼ା ଗ୍ରାମ ନିକଟରେ ଗୁରୁବାର ରାତି ସାଢ଼େ ୯ଟାରେ ଟ୍ରେନ୍ ଧକ୍କାରେ ଏକ ଦନ୍ତା ହାତୀର ମୃତ୍ୟୁ ପାଇଁ ରେଲଓ୍ବେର ଅବହେଳା ଦାୟୀ। ଶୁକ୍ରବାର ଘଟଣାର ତଦନ୍ତ ପରେ ଏହା ସ୍ପଷ୍ଟ କରିଛି ବନ ବିଭାଗ। ହାତୀ ଘଉଡ଼ାଯାଉଥିବାରୁ ରେଳ ଲାଇନରେ ଟ୍ରେନ୍‌ର ଗତି କମ୍ କରିବାକୁ ବନ ବିଭାଗ ପକ୍ଷରୁ ରେଲଓ୍ବେକୁ ଚିଠି କରାଯାଇଥିଲେ ମଧ୍ୟ ଦ୍ରୁତଗତିରେ ଟ୍ରେନ୍ ଆସିବାରୁ ଏହି ଦୁର୍ଘଟଣା ଘଟିଥିବା ଅନୁଗୋଳ ବନଖଣ୍ଡ ଅଧିକାରୀ ବିବେକ କୁମାର ପ୍ରକାଶ କରିଛନ୍ତି।

ବନଖଣ୍ଡ ଅଧିକାରୀ କହିଛନ୍ତି, ଜରପଡ଼ା ବନାଞ୍ଚଳ ଜେରେଙ୍ଗ ବୁଢ଼ାବୁଢ଼ୀ ଠାକୁରାଣୀ ପାହାଡ଼ରେ କିଛି ଦିନ ହେଲା ଉକ୍ତ ଦନ୍ତା ହାତୀ ଚଳପ୍ରଚଳ କରିବା ସହ ଆଖପାଖ ଅଞ୍ଚଳରେ କ୍ଷୟକ୍ଷତି ଘଟାଉଥିଲା। ଖବରପାଇ ବନ ବିଭାଗର କର୍ମଚାରୀମାନେ ଗୁରୁବାର ଉକ୍ତ ହାତୀକୁ ଆଡିଶୀଳା ପାହାଡ଼ ପଟକୁ ଘଉଡ଼ାଉଥିଲେ। ମଝିରେ ଥିବା ରେଳ ଧାରଣା ଅତିକ୍ରମ କରି ହାତୀ ଉକ୍ତ ପାହାଡ଼ ପଟକୁ ଯିବାକୁ ଥିବାରୁ ସନ୍ଧ୍ୟା ୬ଟା ୩୦ରୁ ସକାଳ ୬ଟା ଯାଏ ବଇଣ୍ଡାରୁ ଜରପଡା ଷ୍ଟେଶନ ମଧ୍ୟରେ ଘଣ୍ଟା ପ୍ରତି ୫୦ କିଲୋମିଟରରୁ କମ୍ ବେଗରେ ଟ୍ରେନ୍ ଚଳାଚଳ କରିବା ପାଇଁ ବନ ବିଭାଗ ପକ୍ଷରୁ ରେଲ୍‌ଓ୍ବେ ଡେପୁଟି କଣ୍ଟ୍ରୋଲରଙ୍କୁ ଚିଠି (ନଂ. ୯୩୦୨) କରାଯାଇଥିଲା। ହେଲେ ରେଲଓ୍ବେର ଅବହେଳା ଯୋଗୁ ଦ୍ରୁତଗତିରେ ଆସୁଥିବା ସମ୍ବଲପୁର–ହାଓଡା ସାଲିମାର ଏକ୍ସପ୍ରେସ୍ ରାତି ସାଢ଼େ ୯ଟା ବେଳେ ଜରପଡ଼ାଠାରେ ରେଳ ଧାରଣା ପାସ୍ କରୁଥିବା ହାତୀକୁ ଧକ୍କା ଦେଇଥିଲା। ଶୁକ୍ରବାର ସକାଳେ ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଏମ. ଯୋଗଜୟାନନ୍ଦ, ବନ୍ୟପ୍ରାଣୀ ସଂରକ୍ଷକ ରଞ୍ଜନ କୁମାର ବେହେରା, ବନଖଣ୍ଡ ଅଧିକାରୀ, ଜରପଡା ବନାଞ୍ଚଳ ଅଧିକାରୀ ମାଧବ ନାଏକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ରେଲଓ୍ବେ ଅଧିକାରୀମାନେ ମଧ୍ୟ ଘଟଣାସ୍ଥଳକୁ ଆସିଥିଲେ। ଦୁର୍ଘଟଣା ସମ୍ପର୍କରେ ରେଲୱେ ସହିତ ଆଲୋଚନା ଜାରି ରହିଛି। ସାତକୋଶିଆ ବନ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର କିଶୋର ଚନ୍ଦ୍ର ସାହୁ ଓ ଛେଣ୍ଡିପଦା ବ୍ଲକ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଦାୟିତ୍ୱରେ ଥିବା ଡାକ୍ତର କମଳ ଲୋଚନ ଦାସଙ୍କ ଉପସ୍ଥିତିରେ ମୃତ ହାତୀର ବ୍ୟବଚ୍ଛେଦ କରାଯାଇଥିଲା। ପରେ ରେଳ ଧାରଣା ପାର୍ଶ୍ୱରେ ମୃତ ହାତୀକୁ ପୋତି ଦିଆଯାଇଥିବା ବନଖଣ୍ଡ ଅଧିକାରୀ ପ୍ରକାଶ କରିଛନ୍ତି। ଏ ନେଇ ରେଲଓ୍ବେ ଅଧିକାରୀଙ୍କ ମତାମତ ଲୋଡ଼ାଯାଇଥିଲେ ହେଁ ଘଟଣାସ୍ଥଳରେ ଉପସ୍ଥିତ ଅଧିକାରୀ କୌଣସି ମତାମତ ଦେଇ ନ ଥିଲେ।


ରେଳ ଧାରଣା ପାର୍ଶ୍ୱରେ ହାତୀର ମୃତଦେହ ପଡ଼ିଥିବା ସ୍ଥାନରେ ତଦନ୍ତ କରାଯାଉଛି।

# ସ୍ୱାସ୍ଥ୍ୟ ଦିବସରେ ସଚେତନତା ଶୋଭାଯାତ୍ରା

ଅନୁଗୋଳ ଅଫିସ, ୭।୪

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲା ମିଶନ ନିର୍ଦ୍ଦେଶକ ଡାକ୍ତର ତ୍ରିଲୋଚନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଭାରତୀୟ ଭେଷଜ ପରିଷଦର ଓଡ଼ିଶା ଶାଖା ସଭାପତି ଡାକ୍ତର ପ୍ରଭାତ କୁମାର ପଣ୍ଡା ଯୋଗଦେଇ ସମର୍ପିତ ସ୍ୱାସ୍ଥ୍ୟସେବାକୁ ସମ୍ମାନ ଜଣାଇ ସମସ୍ତେ ସହଯୋଗ କରିବାକୁ ନିବେଦନ କରିଥିଲେ। ଡାକ୍ତର ପୂର୍ଣ୍ଣିମା ଉଦ୍‌ଗାତା, ବିନୋଦ କୁମାର ସାହୁ, ବିଶ୍ୱଜିତ ସାମଲ, ତରୁଣ କୁମାର ସାହୁ, ସି.କେ. ବାରିକ, ଏସ.ଆର. ବିଶ୍ୱାଳ, ବିଶ୍ୱବିହାରୀ ମହାନ୍ତି, ଧନଞ୍ଜୟ ବେହେରା, ସତ୍ୟନାରାୟଣ ସିଂ ସାମନ୍ତ ପ୍ରମୁଖ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ତାତ୍ପର୍ଯ୍ୟର ପ୍ରଚାର ପ୍ରସାର ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିସହ ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ୩ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥଲା। ଭରତ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡାକ୍ତର ବିଶ୍ୱଜିତ ସାମଲ ଧନ୍ୟବାଦ ଦେଇଥିଲେ।



ସହର ପରିକ୍ରମା ଅଭିମୁଖେ ବାହାରିଥିବା ସଚେତନତା ଶୋଭାଯାତ୍ରା।

# ନର୍ସିଂ କଲେଜ ଅଧ୍ୟକ୍ଷ ଗିରଫ

**ଜାଲ୍ ଆଡ୍‌ମିଟ କାର୍ଡ ପ୍ରଦାନ ଅଭିଯୋଗ**



ଛେଣ୍ଡିପଦା,୭।୪(ସ୍ୱ.ପ୍ର.)

ଛାତ୍ରୀଙ୍କୁ ଜାଲ୍ ଆଡ୍‌ମିଟ କାର୍ଡ ପ୍ରଦାନ ଅଭିଯୋଗରେ ଛେଣ୍ଡିପଦା ବ୍ଲକରେ ଥିବା ଏକ ଘରୋଇ ନର୍ସିଂ କଲେଜର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ଜେନାଙ୍କୁ ଛେଣ୍ଡିପଦା ପୋଲିସ ଗିରଫ କରିଛି। ପୋଲିସ କହିଛି, ଉକ୍ତ ନର୍ସିଂ କଲେଜର ଛାତ୍ରୀ ସୁମତୀ ମାହାର, ପ୍ରିୟଙ୍କା ନାଏକଙ୍କ ସମେତ ୭ଜଣ ୨ୟ ବର୍ଷ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। ଆବଶ୍ୟକ ଅର୍ଥ ମଧ୍ୟ ଦେଇଥିଲେ। ହେଲେ କଲେଜ ପକ୍ଷରୁ ଦିଆଯାଇଥିବା ଆଡ୍‌ମିଟ କାର୍ଡ ନେଇ ଛାତ୍ରୀମାନେ ଅନୁଗୋଳସ୍ଥିତ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ପରେ ଜଣେ ଛାତ୍ରୀଙ୍କ ଆଡ୍‌ମିଟ କାର୍ଡ ଜାଲ୍ ଥିବା ଜଣାପଡ଼ିଥିଲା। ଏ ନେଇ ଛାତ୍ରୀମାନେ କଲେଜ ଅଧ୍ୟକ୍ଷଙ୍କୁ ଜଣାଇଥିଲେ। କଲେଜ କର୍ମଚାରୀ ଠିକ୍ ଆଡ୍‌ମିଟ କାର୍ଡ ଦେବେ ବୋଲି କହି ଜାଲ୍ ଆଡ୍‌ମିଟ କାର୍ଡଗୁଡିକୁ ଛାତ୍ରୀଙ୍କଠାରୁ ଫେରାଇ ନିଆଯାଇଥିଲା। ହେଲେ ନୂତନ ଅଡ୍‌ମିଟ କାର୍ଡ ଯୋଗାଇ ଦିଆ ନ ଯିବାରୁ ସମ୍ପୃକ୍ତ ଛାତ୍ରୀମାନେ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିଲେ। ଏ ନେଇ ଛାତ୍ରୀ ପ୍ରିୟଙ୍କା ନାଏକ ଜାନୁୟାରୀ ୧୯ରେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନାରେ ନଂ. ୨୯/୨୦୨୩ରେ ମାମଲା ରୁଜୁ ହୋଇଥିଲା। ଏସ୍‌ଆଇ ପ୍ରେମାନନ୍ଦ ନାୟକ ଘଟଣାର ତଦନ୍ତ କରିଥିଲେ। ହେଲେ ଦୀର୍ଘଦିନ ପର୍ଯ୍ୟନ୍ତ ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେବାରୁ ଛାତ୍ରୀମାନେ ଜିଲାପାଳ ଓ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏପରି କି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିଲେ। ଏହାପରେ ପୋଲିସ ଗୁରୁବାର ରାତିରେ ଅନୁଗୋଳ ସଦର ଥାନା କାଙ୍ଗୁଲା ଅଞ୍ଚଳରୁ ଅଧ୍ୟକ୍ଷଙ୍କୁ ଗିରଫ କରିଥିଲା।

# ରେଳବାଇ ମହାପ୍ରବନ୍ଧକଙ୍କୁ ଦାବିପତ୍ର

ତାଳଚେର, ୭।୪ (ନି.ପ୍ର.)

ରେଳବାଇ ଯୋଗୁ ତାଳଚେର ବ୍ଲକ ବନ୍ତୋଲ ପଞ୍ଚାୟତରେ ଉପୁଜିଥିବା ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସରପଞ୍ଚ ଜୟନ୍ତୀଲତା ପ୍ରଧାନ ଓ ସମିତି ସଭ୍ୟା ଅମ୍ରିତା ପାଣିଙ୍କ ତରଫରୁ ଏକ ପ୍ରତିନିଧିମଣ୍ଡଳୀ ପୂର୍ବତଟ ରେଳବାଇ ମହାପ୍ରବନ୍ଧକ ମନୋଜ ଶର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ବନ୍ତୋଲ ଗ୍ରାମ ନିକଟରେ ଥିବା ରେଳ ଫାଟକ ଯୋଗୁ ବହୁ ସମସ୍ୟା ଉପୁଜୁଛି। ଦୈନିକ ଉକ୍ତ ଫାଟକ ଦୀର୍ଘ ସମୟ ଧରି ପଡି ରହୁଥିବା ବେଳେ ସେଠାରେ ଠିକ୍ ଭାବେ ଟାଇଲ ପକାଯାଇ ନ ଥିବାରୁ ବହୁ ଲୋକ ଦୁର୍ଘଟଣାର ଶିକାର ହେଉଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଅଣ୍ଡରପାସ୍ ବ୍ରିଜ ନ ହେବା ଦ୍ୱାରା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍କୁଲ, କଲେଜ ଛାତ୍ରୀଛାତ୍ର, ରୋଗୀ ଓ ଚାଷୀମାନେ ହଇରାଣ ହେଉଛନ୍ତି। ରେଳ ବିଭାଗ ତରଫରୁ ତୃତୀୟ ଓ ଚତୁର୍ଥ ଲାଇନ କାର୍ଯ୍ୟ କରାଯାଉଥିବାରୁ ପଞ୍ଚାୟତର ପାଣି ସ୍ରୋତ, ପୋଖରୀ, ନାଳ ଆଦି ବନ୍ଦ କରିବା ଦ୍ୱାରା ଅସମୟରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ରେଳବାଇ ରନିଙ୍ଗ ରୁମ୍ ପଛ ପାର୍ଶ୍ୱରେ ଘଣ୍ଟପଡା ସୀମା ପର୍ଯ୍ୟନ୍ତ ତିଆରି କରାଯାଇଥିବା ରାସ୍ତାକୁ ପଞ୍ଚାୟତର ଗୋଛାୟତ ସାହି ପର୍ଯ୍ୟନ୍ତ ରାସ୍ତା ନ ହେବା ଦ୍ୱାରା ଆଦିବାସୀ, ହରିଜନ ସାହିକୁ ରାସ୍ତା ବନ୍ଦ ହୋଇଯାଇଛି। ଷ୍ଟେଶନରେ ନିୟୋଜିତ ଠିକା ଶ୍ରମିକଙ୍କ ନିଯୁକ୍ତି କ୍ଷେତ୍ରରେ ବନ୍ତୋଲ ପଞ୍ଚାୟତକୁ ଅଗ୍ରାଧିକାର ଆଧାରରେ ସୁଯୋଗ ମିଳୁନାହିଁ। ଦାବିପତ୍ର ପ୍ରଦାନ ବେଳେ ପୂର୍ବତନ ସରପଞ୍ଚ ଅବନୀକାନ୍ତ ଦେହୁରୀ, ବିଜେଡି ଯୁବ ନେତା ଶୁଭେନ୍ଦୁ ରଥ ଓ ପୂର୍ବତନ ସମିତି ସଭ୍ୟ ଦୋଳଗୋବିନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ରେଳବାଇ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଲୋକାଭିମୁଖୀ କାର୍ଯ୍ୟକ୍ରମ ଘରେ ଘରେ ପହଞ୍ଚାଅ

କଣିହାଁ,୭।୪(ଡି.ଏନ.ଏ.)

କଣିହାଁ ବ୍ଲକ ସୁଶୁବା ପଞ୍ଚାୟତ ଜାମୁବନ୍ଧଠାରେ ବିଜେଡି ପକ୍ଷରୁ ଆଶୀର୍ବାଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତାମଡା ଅଧ୍ୟକ୍ଷ ଅବନିକାନ୍ତ ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ କିପରି ଘରେ ଘରେ ପହଞ୍ଚିବ ସେ ନେଇ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ବରିଷ୍ଠ ବିଜେଡି ନେତା ମଦନ ମୋହନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲା ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ସାହୁ ଯୋଗ ଦେଇଥିଲେ। ସୁଶୁବା ପଞ୍ଚାୟତରେ ବ୍ୟାପକ ଅନିୟମିତତା ହେଉଥିବା କର୍ମୀମାନେ ଅଭିଯୋଗ କରିଥିଲେ। ଏପରିକି ପଞ୍ଚାୟତର ଦଳୀୟ କାର୍ଯ୍ୟକ୍ରମରେ ପ୍ରକୃତ ଦଳୀୟ କର୍ମୀଙ୍କୁ ଅଣଦେଖା କରାଯାଉଥିବା ପ୍ରକାଶ କରିଥିଲେ। ସମସ୍ତ କର୍ମୀ ଏକତ୍ରିତ ହୋଇ ଦଳୀୟ କାର୍ଯ୍ୟ କରିବାକୁ ତାମଡା ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ସବିତା ନନ୍ଦ, ପୂର୍ବତନ ସରପଞ୍ଚ ଡିଲେଶ୍ୱର ସାହୁ, ନିଶାକର ପ୍ରଧାନ, ନୀଳକଣ୍ଠ ସାହୁ, ଜିତେନ୍ଦ୍ର ସାହୁ, ଗିରିଧାରୀ ସାହୁ, ସୁବର୍ଣ୍ଣ କେଶରୀ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଯୋଗଦେଇଥିବା ଅତିଥିଙ୍କ ସହ ବିଜେଡି କର୍ମୀମାନେ।

# କାନ୍ଥଲିଖନ ଆରମ୍ଭ କଲା ଭାଜପା

ଅନୁଗୋଳ ଅଫିସ, ୭।୪

ଅନୁଗୋଳ ଜିଲା ଭାଜପା ପକ୍ଷରୁ କାନ୍ଥ ଲିଖନ ଅଭିଯାନ ଆରମ୍ଭ ହୋଇଛି। ଜିଲା ସଭାପତି ଦିଲେଶର ପ୍ରଧାନ ଅନୁଗୋଳ ମ୍ୟୁନିସିପାଲିଟିର ୧୨ ନମ୍ବର ୱାର୍ଡରେ ଏହାର ଶୁଭାରମ୍ଭ କରିଛନ୍ତି। ଏହି ୱାର୍ଡର କାଉନସିଲର ସ୍ନେହଲତା ମହାରଣାଙ୍କ କାନ୍ଥରୁ ଏହା ଆରମ୍ଭ ହୋଇଛି। ଏହି ଅବସରରେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ରାଜ୍ୟ କାନ୍ଥ ଲିଖନ ପ୍ରଭାରୀ ରଞ୍ଜନ ମଙ୍ଗରାଜ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ପ୍ରଧାନ, ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରଭାରୀ ଯଯାତି ପଟ୍ଟନାୟକ, ବରିଷ୍ଠ ନେତା ଦିଲୀପ ପ୍ରଧାନ, ଗଙ୍ଗାଧର ପଟ୍ଟନାୟକ, ବିଶ୍ୱଜିତ ମିଶ୍ର, ଅରୁଣ କୁମାର ପୁଷ୍ପାଳକ, ରବୀନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।



# ଦୁର୍ବ୍ୟବହାର ନେଇ ଏସ୍‌ପିଙ୍କୁ ଅଭିଯୋଗ

ବଇଣ୍ଡା,୭।୪(ଡି.ଏନ.ଏ.)

କିଶୋରନଗର ଥାନାରେ ଗୁରୁବାର ଧଉରାପାଲି ସରପଞ୍ଚ ସଞ୍ଜୀବ କୁମାର ସାହୁ ଓ ଧଡରପାଳ ସରପଞ୍ଚ କ୍ଷମାନିଧି ପ୍ରଧାନଙ୍କୁ ଆଇଆଇସି ଲବ ବୋଡା ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏ ନେଇ କିଶୋରନଗର ସରପଞ୍ଚ ସଂଘ ପକ୍ଷରୁ ଶୁକ୍ରବାର ଅନୁଗୋଳ ଏସ୍‌ପିଙ୍କଠାରେ ଅଭିଯୋଗ କରାଯାଇଛି।

ସଂଘ ପକ୍ଷରୁ କୁହାଯାଇଛି, ଥାନା ଅଞ୍ଚଳରେ ବର୍ତ୍ତମାନ ବ୍ୟାପକ ଚୋରା ମଦ ସହ ଗଞ୍ଜେଇ କାରବାର ବୃଦ୍ଧି ପାଉଛି। ଫଳରେ ଗ୍ରାମାଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ପୋଲିସ ପକ୍ଷରୁ ରାତ୍ରି ପାଟ୍ରୋଲିଂ କରାଯାଉ ନ ଥିବାରୁ ଲୋକମାନେ ସୁରକ୍ଷିତ ମନେ କରୁନାହାନ୍ତି। ସମସ୍ୟା ସମ୍ପର୍କରେ ୨ ଜଣ ସରପଞ୍ଚ ଅଭିଯୋଗ କରିବା ପାଇଁ କିଶୋରନଗର ଥାନାକୁ ଯାଇଥିବାବେଳେ ଆଇଆଇସି ଦୁର୍ବ୍ୟବହାର କରିବା ସହ ସେମାନଙ୍କ ନାମରେ ମିଥ୍ୟା ମାମଲା କରି ଗିରଫ କରିବାକୁ ଧମକ ଦେଇଥିବା ଧଉରାପାଲି ସରପଞ୍ଚ ସଞ୍ଜୀବ ଅଭିଯୋଗ କରିଛନ୍ତି। ଗୁରୁବାର ରାତିରେ ୯ ଜଣ ସରପଞ୍ଚ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଖବରପାଇ ହଣ୍ଡପା ଥାନା ଆଇଆଇସି ନମିତା ନାୟକ ପହଞ୍ଚି ବୁଝାଶୁଝା କରିବା ସହ ୩ ଦିନ ମଧ୍ୟରେ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ସରପଞ୍ଚମାନେ ଧାରଣାରୁ ଓହରିଥିଲେ। ଆଇଆଇସିଙ୍କୁ ବଦଳି କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସରପଞ୍ଚ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ନେଇ ଆଇଆଇସି ବୋଡାଙ୍କୁ ପଚାରିବାରୁ କୌଣସି ଉତ୍ତର ଦେଇ ନ ଥିଲେ। ଅନୁଗୋଳ ଡିଏସ୍‌ପି ଏ.କେ. ପଣ୍ଡା କହିଛନ୍ତି, ସରପଞ୍ଚଙ୍କ ସମସ୍ୟାକୁ ନେଇ ଆଲୋଚନା କରାଯିବ।


କିଶୋରନଗର ଥାନା ସମ୍ମୁଖରେ ସରପଞ୍ଚମାନେ ଧାରଣାରେ ବସିଛନ୍ତି।

# ଗୁଡ୍ ଫ୍ରାଇଡେରେ ଜଳଛତ୍ର ଉଦ୍‌ଘାଟନ

ଅନୁଗୋଳ ଅଫିସ, ୭।୪

ଅନୁଗୋଳ ବାପିଷ୍ଟ ଚର୍ଚ୍ଚ ଖ୍ରୀଷ୍ଟିୟ ଉଦ୍‌ଯୋଗ ସମିତି ଆନୁକୂଲ୍ୟରେ ଗୁଡ଼ ଫ୍ରାଇଡେ ଅବସରରେ ମେନ୍‌ରୋଡ୍ ଠାରେ ଏକ ଜଳଛତ୍ର ଖୋଲାଯାଇଛି। ସମିତି ସମ୍ପାଦକ ଓ ସମିତିର ସଭ୍ୟମାନେ ଉପସ୍ଥିତ ରହି ପଥଚାରୀମାନଙ୍କୁ ଜଳ ବଣ୍ଟନ କରିଥିଲେ। ଅପରାହ୍ନରେ ଚର୍ଚ୍ଚ ମାଧ୍ୟମରେ ଧର୍ମଗୁରୁ ଜୋସିୟ କାଉଁରିଙ୍କ ଦ୍ୱାରା ପ୍ରାର୍ଥନା କରାଯାଇଥିଲା। ଅନୁଗୋଳ ଓ ଜିଲା ବାହାରୁ ଅନେକ ଲୋକ ଚର୍ଚ୍ଚରେ ପ୍ରାର୍ଥନା ସଭାରେ ଯୋଗ ଦେଇଥିଲେ।



# ନୂତନ ଏସ୍‌ଡିପିଓଙ୍କ ଯୋଗଦାନ

ଆଠମଲ୍ଲିକ, ୭।୪ (ଡି.ଏନ.ଏ.)



ଆଠମଲ୍ଲିକ ଉପଖଣ୍ଡର ନୂତନ ଆରକ୍ଷୀ ଅଧିକାରୀ (ଏସ୍‌ଡିପିଓ) ଭାବେ ବାଳକୃଷ୍ଣ କହଁର ଗୁରୁବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଥିପୂର୍ବରୁ ସେ ଝାରସୁଗୁଡା ପୋଲିସ ମୁଖ୍ୟାଳୟରେ ହେଡକ୍ୱାର୍ଟର ଡିଏସ୍‌ପି ଭାବେ କାର୍ଯ୍ୟରତ ଥିଲେ। ଆଠମଲ୍ଲିକ ଠାରେ ଅସ୍ଥାୟୀ ଭାବେ ଭାରପ୍ରାପ୍ତ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଭାବେ ଦାୟିତ୍ୱରେ ଥିବା ଅକ୍ଷୟ ପଣ୍ଡାଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଥିବା ଜଣାଯାଇଛି। ଆଠମଲ୍ଲିକ ଉପଖଣ୍ଡରେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ପ୍ରାଥମିକତା ଦିଆଯିବା ସହ ପୋଲିସ କିପରି ସାଧାରଣ ଲୋକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ସହ ନ୍ୟାୟ ପ୍ରଦାନ କରିବ, ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଶୁକ୍ରବାର ଏସ୍‌ଡିପିଓ କହଁର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ୫ ଡ୍ରାଇଭର ଗିରଫ

ବଇଣ୍ଡା,୭।୪(ଡି.ଏନ.ଏ.): ମଦ୍ୟପାନ କରି ଗାଡ଼ି ଚଳାଇବା ଅଭିଯୋଗରେ ଆଠମଲ୍ଲିକ ବ୍ଲକ୍ ଠାକୁରଗଡ଼ ପୋଲିସ ୨ ଟ୍ରକ୍ ଚାଳକଙ୍କୁ ଗିରଫ କରିଛି। ସେମାନେ ହେଲେ ଦେବଗଡ଼ ଜିଲା ରିଆମାଳ ଗ୍ରାମର ରାଜେଶ ପ୍ରଧାନ, ନୟାଗଡ଼ ଜିଲା ଖମାର ସାହି ଗ୍ରାମର ସୁରେଶ ପାତ୍ର। ଶୁକ୍ରବାର ସକାଳେ ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଲକ୍ଷ୍ମୀ ବଜାରରେ ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ କରାଯାଉଥିବାବେଳେ ଉଭୟେ ଧରା ପଡ଼ିଥିଲେ। ସେହିପରି ହଣ୍ଡପା ପୋଲିସ ପକ୍ଷରୁ ଗୁରୁବାର ରାତିରେ ବଇଣ୍ଡାଠାରେ ଗାଡି ମୋଟର ଯାଞ୍ଚ କରାଯାଇ ୩ ମଦ୍ୟପ ବାଇକ୍ ଚାଳକଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କିଶୋରନଗର ଥାନା ଡୁରୁଡ଼ା ଗ୍ରାମର ସୁଧୀର ସାହୁ, ଲୁହାମୁଣ୍ଡା ଗ୍ରାମର ବାବୁଲି ନାୟକ, ରେଢ଼ାଖୋଲ ଥାନା ଚାରିବାଟି ଗ୍ରାମର ପଦ୍ମନ ସାହୁ।

# ୧ ଏକରରେ ହେବ ନୂତନ ଉପାସନା ସ୍ଥଳୀ

- ମହିମାଗାଦି ଦଲକ ପଡ଼ିଆରେ ଶିଳାନ୍ୟାସ କାର୍ଯ୍ୟ ସମ୍ପନ୍ନ
- ଉପାସନା କରିବେ କୌପୀନଧାରୀ ମହିମା ଧର୍ମାବଲମ୍ବୀ

ଢେଙ୍କାନାଳ ଅଫିସ, ୭।୪

ବିଶ୍ୱପ୍ରସିଦ୍ଧ ମହିମା ଧର୍ମପୀଠ ଢେଙ୍କାନାଳ ଜିଲା ଯୋରନ୍ଦା ମହିମାଗାଦି ନିକଟରେ କୌପୀନଧାରୀ ମହିମା ସମାଜ ସାଧୁସନ୍ଥଙ୍କ ପାଇଁ ନିର୍ମାଣ ହେବ ନୂତନ ଉପାସନା ସ୍ଥଳୀ। ଗାଦିମନ୍ଦିର ନିକଟବର୍ତ୍ତୀ ଦଲକ ପଡ଼ିଆ ପୋଖରୀ ପାଖରେ ଏଥିଲାଗି ୧ ଏକର ଜମି ଚିହ୍ନଟ ହୋଇଥିବାବେଳେ ଶୁକ୍ରବାର ପୂର୍ବାହ୍ନରେ ଏହାର ଶିଳାନ୍ୟାସ କାର୍ଯ୍ୟ ସମ୍ପନ୍ନ ହୋଇଛି। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ପୂର୍ବାହ୍ନ ୧୧ଟାରେ ପାରମ୍ପରିକ ଭାବେ ନଡ଼ିଆ ଭଙ୍ଗାଯାଇ ଗୋମୟ ସିଞ୍ଚନ କରାଯିବା ପରେ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହିମା ଭଜନକୀର୍ତ୍ତନ, ଘଣ୍ଟବାଦ୍ୟ, ହୁଳହୁଳି, ଅଲେଖ ମହିମା ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ଜିଲାର ବିଭିନ୍ନ ସ୍ଥାନ ସମେତ ମାଲକାନଗିରି, ନବରଙ୍ଗପୁର ଅଞ୍ଚଳରୁ ବହୁ ସାଧୁମଣ୍ଡଳୀଙ୍କ ସମାଗମ ହୋଇଥିଲା। କୌପୀନଧାରୀ ମହିମା ସମାଜ ପକ୍ଷରୁ ଶ୍ରୀମଦ୍ ରଘୁନାଥ ବାବା, ସୁଶାନ୍ତ ବାବା, ଅବିନାଶୀ ବାବା, ରମେଶ ବାବା, ଅଭୟ ବାବା, କରୁଣାକର ବାବା, ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ, ଯୋରନ୍ଦା ବିକାଶ ପରିଷଦ ସଭାପତି ବିପିନ ବିହାରୀ ସିଂ, ସମିତିସଭ୍ୟ ପ୍ରତ୍ୟୁଷହରି ପ୍ରଧାନ, ତପୋବନ ପତ୍ରିକା ସମ୍ପାଦକ ପ୍ରଶାନ୍ତ ମହାପାତ୍ର, ସଭ୍ୟ ନିରଞ୍ଜନ ପତି, ବୀଣାକାର ବାବା, ଭାଜପା ନେତା ରାମଚନ୍ଦ୍ର ପାତ୍ର, ସୁନୀଲ ଶର୍ମାଙ୍କ ସମେତ ସହସ୍ରାଧିକ ଅନୁଗାମୀ, ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ମହିମାଗାଦିର ତୃତୀୟବେଢ଼ା ପରିସରରେ ଥିବା କୌପୀନଧାରୀ ମହିମା ସାଧୁଙ୍କ ଉପାସନା ସ୍ଥଳୀକୁ ନେଇ ବଳ୍କଳଧାରୀ ଏବଂ କୌପିନଧାରୀ ଗୋଷ୍ଠୀ ମଧ୍ୟରେ ଦୀର୍ଘ ବର୍ଷ ଧରି ବିବାଦୀୟ ପରିସ୍ଥିତି ଲାଗି ରହିଥିଲା। ଗତବର୍ଷ ନଭେମ୍ବର ୨୨ରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହାର ଉଚ୍ଛେଦ କରାଯାଇଥିଲା। ତଥାପି ବିବାଦ ତୁଟି ନ ଥିଲା। ମାଘମେଳା ପରେ ଏହାର ସ୍ଥାୟୀ ସମାଧାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। କୌପୀନଧାରୀଙ୍କ ଉପାସନାସ୍ଥଳୀ ନିର୍ମାଣ ପାଇଁ ଶିଳାନ୍ୟାସ ହେବାପରେ ସାଢ଼େ ୪ମାସ ଧରି ଲାଗି ରହିଥିବା ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଥିବା ସାଧାରଣରେ ଆଲୋଚନା ହେଉଛି।


କୌପିନଧାରୀ ସାଧୁ ସନ୍ୟାସୀଙ୍କ ଉପସ୍ଥିତିରେ ନୂତନ ଉପାସନା ପୀଠ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଉଛି।

